# NATIONAL NEWS BULLETIN (ODIA)

## 05th September - 2026

## Evening Bulletin : 7.15 p.m.

************************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ମଳୟ ରଞ୍ଜନ ମିଶ୍ର**

## ମୁଖ୍ୟ ସମ୍ବାଦ

- ସମ୍ବିଧାନ ପ୍ରଦତ୍ତ ସମାନତାର ଆଦର୍ଶକୁ ସାକାର କରିବାରେ ଶିକ୍ଷା ସବୁଠାରୁ ପ୍ରଭାବଶାଳୀ ମାଧ୍ୟମ ବୋଲି କହିଲେ ରାଷ୍ଟ୍ରପତି ।
- ସକାରାତ୍ମକ ଚିନ୍ତାଧାରା, ମତଭେଦ ଏବଂ ବିଚାରବିମର୍ଶ ଉପରେ ଗୁରୁତ୍ୱ ପ୍ରଦାନ କଲେ ପ୍ରଧାନ ବିଚାରପତି ।
- ୪ଟି ଉତ୍ତର-ପୂର୍ବାଞ୍ଚଳ ରାଜ୍ୟକୁ ଆସନ୍ତାକାଲିଠାରୁ ଗସ୍ତରେ ଯିବେ ଉପରାଷ୍ଟ୍ରପତି ।
- କିଭ୍ ଉପରେ ୭୨ ଘଣ୍ଟା ପର୍ଯ୍ୟନ୍ତ କୌଣସି ପ୍ରକାର ଆକ୍ରମଣ ନ କରିବାକୁ ରୁଷ୍‌ର ନିଷ୍ପତ୍ତି ।

ଏବଂ

- ଟି-ଟ୍ୱେଣ୍ଟି ମହିଳା ଏସିଆ କପ୍ କ୍ରିକେଟ୍ ପ୍ରତିଯୋଗିତାର ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ ଆଉ କିଛି ସମୟ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ହେବ ମୁକାବିଲା ।

## ପ୍ରେଜ୍ - ଟିଚର୍ସ ଡେ ଆୱାର୍ଡ଼

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ଉତ୍କୃଷ୍ଟ ଶିକ୍ଷାଦାନ ବିନା ବିକଶିତ ଭାରତ ସମ୍ଭବ ହୋଇପାରିବ ନାହିଁ । ନୂଆଦିଲ୍ଲୀରେ ଗୁରୁ ଦିବସ ଅବସରରେ ଆୟୋଜିତ ଜାତୀୟ ଶିକ୍ଷକ ପୁରସ୍କାର ସମାରୋହ-୨୦୨୬କୁ ସମ୍ବୋଧନ କରି ରାଷ୍ଟ୍ରପତି କହିଛନ୍ତି, ଗୁରୁଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦର୍ଶନ କରୁଥିବା ସମାଜ ବାସ୍ତବରେ ଏକ ପ୍ରଗତିଶୀଳ ସମାଜର ପରିଚୟ ବହନ କରେ । ଆମର ସମ୍ବିଧାନ ପ୍ରଦତ୍ତ ସମାନତାର ଆଦର୍ଶକୁ ସାକାର କରିବାରେ ଶିକ୍ଷା ସବୁଠାରୁ ପ୍ରଭାବଶାଳୀ ମାଧ୍ୟମ ବୋଲି ରାଷ୍ଟ୍ରପତି ବର୍ଣ୍ଣନା କରିଛନ୍ତି । ଶିକ୍ଷକଙ୍କ ପ୍ରୟାସ ଯୋଗୁଁ ପ୍ରାଥମିକ ବିଦ୍ୟାଳୟରେ ଅଧାରୁ ପାଠପଢ଼ା ଛାଡୁଥିବା ପିଲାମାନଙ୍କ ସଂଖ୍ୟା ବର୍ତ୍ତମାନ ବହୁ ପରିମାଣରେ ହ୍ରାସ ପାଇଛି ।

***Voice (Prez - Drop-out)*** :.......

ରାଷ୍ଟ୍ରପତି କହିଛନ୍ତି, ଶୈକ୍ଷିକ ଉତ୍କୃର୍ଷତା, କୌଶଳ ବିକାଶ ଏବଂ ଉଦ୍ୟମିତା ରାଷ୍ଟ୍ରର ବିକାଶରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ଭାରତକୁ

ଦକ୍ଷତାର ପେଣ୍ଟସ୍ଥଳୀ ଭାବେ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରିବାପାଇଁ ସମସ୍ତଙ୍କର ପ୍ରାଥମିକତା ହେବା ଉଚିତ ବୋଲି ସେ କହିଛନ୍ତି ।

*Voice (Prez - Skill)* :.......

ସମାରୋହରେ ରାଷ୍ଟ୍ରପତି ମନୋନୀତ ଶିକ୍ଷକଙ୍କୁ ଜାତୀୟ ଶିକ୍ଷକ ପୁରସ୍କାର ପ୍ରଦାନ କରିଛନ୍ତି । ୨୭ଟି ରାଜ୍ୟ, ୭ଟି କେନ୍ଦ୍ରଶାସିତ ଅଞ୍ଚଳ ଏବଂ କେନ୍ଦ୍ର ସରକାରଙ୍କ ୬ଟି ସଂଗଠନ, ଉଚ୍ଚଶିକ୍ଷା ପ୍ରତିଷ୍ଠାନ, ବେସରକାରୀ ଶିକ୍ଷା ପ୍ରତିଷ୍ଠାନ ଏବଂ ବିଶ୍ୱବିଦ୍ୟାଳୟ ଆଦିରୁ ମନୋନୀତ ଶିକ୍ଷକ/ଶିକ୍ଷୟିତ୍ରୀ ଏଥିରେ ଅନ୍ତର୍ଭୁକ୍ତ । ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷାମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ, ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ସିଂହ ଏବଂ ଡକ୍ଟର ସୁକାନ୍ତ ମଜୁମ୍‌ଦାର ପ୍ରମୁଖ ଉପସ୍ଥିତ ଥିଲେ ।

## ବ୍ରିକ୍ସ - ଚିଫ୍ ଜଷ୍ଟିସ୍ ଫୋରମ୍

ସକାରାତ୍ମକ ଚିନ୍ତାଧାରା, ମତଭେଦ ଏବଂ ବିଚାରବିମର୍ଶର ସଂସ୍କୃତି ଉପରେ ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟ କାନ୍ତ ଗୁରୁତ୍ୱ ପ୍ରଦାନ କରିଛନ୍ତି । ନୂଆଦିଲ୍ଲୀରେ ଆୟୋଜିତ ବ୍ରିକ୍ସ ମୁଖ୍ୟ ବିଚାରପତି ସମ୍ମିଳନୀକୁ ସମ୍ବୋଧନ କରି ଜଷ୍ଟିସ୍ ସୂର୍ଯ୍ୟ କାନ୍ତ କହିଛନ୍ତି, ସମୟୋଚିତ ନ୍ୟାୟ ପ୍ରଦାନ ସବୁଠାରୁ ବଡ଼ ଆବଶ୍ୟକତା । ନାଳନ୍ଦା ବିଶ୍ୱବିଦ୍ୟାଳୟ ଉପରେ ଆଲୋକପାତ କରି ସେ କହିଛନ୍ତି, ବିଶ୍ୱର ବିଭିନ୍ନ ପ୍ରାନ୍ତ'ର ବିଦ୍ୟାର୍ଥୀ ଏବଂ ଗବେଷକ କୌଣସି

ଭେଦଭାବ କିମ୍ବା ପ୍ରତିବନ୍ଧକ ବିନା ସେଠାରେ ଶିକ୍ଷାଲାଭ କରୁଥିଲେ । ସେଥିପାଇଁ ଏହି ଶିକ୍ଷାନୁଷ୍ଠାନ ଏକ ପ୍ରସିଦ୍ଧ କେନ୍ଦ୍ର ଭାବେ ମାନ୍ୟତା ପାଇଥିଲା । ବ୍ରିକ୍ସ ସଙ୍ଗଠନକୁ ଏଭଳି ଅନୁଷ୍ଠାନରେ ପରିଣତ କରିବାକୁ ଜଷ୍ଟିସ୍ ସୂର୍ଯ୍ୟ କାନ୍ତ ଆହ୍ୱାନ ଦେଇଛନ୍ତି । ସମାବେଶକୁ ଅନ୍ୟମାନଙ୍କ ମଧ୍ୟରେ ବ୍ରାଜିଲ୍ ସୁପ୍ରିମକୋର୍ଟର ମୁଖ୍ୟ ଲୁଇଜ୍ ଏଡ୍‌ସନ ଫାଚିନ୍ ଏବଂ ଚୀନ୍‌ର ମୁଖ୍ୟ ବିଚାରପତି ଝାଙ୍ଗ୍ ଜୁନ୍ ସମ୍ବୋଧନ କରିଥିଲେ ।

ମଧ୍ୟସ୍ଥତା ଉପରେ ଆଧାରିତ ଏକ ଅଧିବେଶନକୁ ସମ୍ବୋଧନ କରି ଜଷ୍ଟିସ ସୂର୍ଯ୍ୟ କାନ୍ତ ନ୍ୟାୟ ବ୍ୟବସ୍ଥାରେ ମଧ୍ୟସ୍ଥତାର ଗୁରୁତ୍ୱ ସମ୍ପର୍କରେ ଉଲ୍ଲେଖ କରିଛନ୍ତି । ମଧ୍ୟସ୍ଥତା ମାଧ୍ୟମରେ ସମସ୍ୟାର ସମାଧାନ ବିଭିନ୍ନ ରାଷ୍ଟ୍ର ମଧ୍ୟରେ ବାଣିଜ୍ୟ ଏବଂ ବ୍ୟବସାୟକୁ ଅଧିକ ତ୍ୱରାନ୍ୱିତ କରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି । ଏଥିପାଇଁ ବୃତ୍ତିଗତ ତାଲିମ, ବିଭିନ୍ନ ଭାଷା ଉପରେ ଦକ୍ଷତା, ସହଯୋଗ ଆଦି କ୍ଷେତ୍ର ଉପରେ ଜଷ୍ଟିସ୍ ସୂର୍ଯ୍ୟ କାନ୍ତ ଗୁରୁତ୍ୱ ଦେଇଛନ୍ତି । ମଧ୍ୟସ୍ଥତା ମାଧ୍ୟମରେ ବିଚାର ପ୍ରକ୍ରିୟା ଅଧିକ ଉତ୍ସାହଜନକ ଫଳାଫଳ ପ୍ରଦାନ କରୁଛି । ଏହାକୁ ଅଧିକ ସୁଦୃଢ଼ କରାଯିବା ଆବଶ୍ୟକ ବୋଲି ପ୍ରଧାନ ବିଚାରପତି କହିଛନ୍ତି । ମଧ୍ୟସ୍ଥତା ଏବଂ ଅନ୍ତର୍ଜାତୀୟ ବାଣିଜ୍ୟିକ ବିବାଦ, କୃତ୍ରିମ ବୁଦ୍ଧିମତ୍ତା ଏବଂ ନ୍ୟାୟପାଳିକା, ନିରନ୍ତର ବିକାଶ ଏବଂ ମଧ୍ୟସ୍ଥତା ଆଧାରିତ ସୀମାପାର ପ୍ରବର୍ତ୍ତନ ଆଦି ୪ଟି ପ୍ରସଙ୍ଗ ଉପରେ ଅଧିବେଶନମାନ ଅନୁଷ୍ଠିତ ହୋଇଛି ।

## ୟୁ.ଏନ୍.ଜି.ଏ. - ନିୟୁ ୱାର୍ଲ୍ଡ ମ୍ୟାପ୍

ଆଫ୍ରିକାର ପରିସୀମାକୁ ଅଧିକ ସଠିକ୍ ଭାବେ ପ୍ରତିଫଳିତ କରୁଥିବା ପରିବର୍ତ୍ତିତ ବିଶ୍ୱ ମାନଚିତ୍ର ପ୍ରସ୍ତୁତି ପ୍ରସ୍ତାବକୁ ଜାତିସଂଘ ସାଧାରଣ ପରିଷଦରେ ଗୃହୀତ ହୋଇଛି । ଟୋଗୋଦ୍ୱାରା ପ୍ରାୟୋଜିତ ଏବଂ ଆଫ୍ରିକୀୟ ସଂଘଦ୍ୱାରା ସମର୍ଥିତ 'ମାନଚିତ୍ର ସଂଶୋଧନ କରନ୍ତୁ' ସଂକ୍ରାନ୍ତ ପ୍ରସ୍ତାବକୁ ଭାରତ ସମେତ ୧୬୪ଟି ରାଷ୍ଟ୍ର ସମର୍ଥନ କରିଛନ୍ତି । ଯୁକ୍ତରାଷ୍ଟ୍ର ଆମେରିକା ଏହାକୁ ବିରୋଧ କରିଥିବାବେଳେ ୬ଟି ରାଷ୍ଟ୍ର ଭୋଟ୍‌ଦାନରୁ ବିରତ ରହିଥିଲେ । ଆଫ୍ରିକୀୟ ୟୁନିୟନ୍ କମିଶନ୍'ର ଅଧ୍ୟକ୍ଷ ମହମ୍ମଦ ଅଲି ୟୁସୁଫ୍ ଜାତିସଂଘର ଏହି ପ୍ରସ୍ତାବକୁ ସ୍ୱାଗତ କରିଛନ୍ତି ।

## ଭି.ପି. - ଏନ୍.ଇ. ଭିଜିଟ୍

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ଆସନ୍ତାକାଲିଠାରୁ ଚାରିଦିନିଆ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ ଗସ୍ତରେ ଯିବେ । ଆସାମ, ମେଘାଳୟ, ମଣିପୁର ଏବଂ ଅରୁଣାଚଳ ପ୍ରଦେଶକୁ ଉପରାଷ୍ଟ୍ରପତି ଗସ୍ତ କରିବେ । ଗସ୍ତ ଅବସରରେ ବିଭିନ୍ନ ଶୈକ୍ଷିକ, ସାଂସ୍କୃତିକ ଏବଂ ସାର୍ବଜନୀନ କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ଆସନ୍ତାକାଲି ଗସ୍ତର ପ୍ରଥମ ଦିନରେ

ଉପରାଷ୍ଟ୍ରପତି ଆସାମର ଗୁଆହାଟୀସ୍ଥିତ ଗୀତାନଗର ମହାବିଦ୍ୟାଳୟ ଅର୍ଥାତ୍ କନ୍ୟା ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଯୋଗଦେବେ । ଏହାପରେ ଗୁଆହାଟୀସ୍ଥିତ ସ୍ୱାସ୍ଥ୍ୟବିଜ୍ଞାନ ଶ୍ରୀମନ୍ତ ଶଙ୍କରଦେବ ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ସମାରୋହରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

## ସୁପ୍ରିମ୍‌କୋର୍ଟ ଲେକ୍‌ଚର୍

ନ୍ୟାୟ ପ୍ରକ୍ରିୟା ଏବଂ ଆଇନଗତ ଶିକ୍ଷା ଉପରେ ଧାରାବାହିକ ମାସିକ୍ ବକ୍ତୃତା କାର୍ଯ୍ୟକ୍ରମ ସୁପ୍ରିମ୍‌କୋର୍ଟ ପକ୍ଷରୁ ଆୟୋଜନ କରାଯିବ । ଗୁରୁ ଦିବସ ପାଳନ ଅବସରରେ ପ୍ରଧାନ ବଚାରପତି ଜଷ୍ଟିସ୍ ସୂର୍ଯ୍ୟ କାନ୍ତ ଆଜି ଏହି ଘୋଷଣା କରିଛନ୍ତି । ବିଭିନ୍ନ ଆଇନ, ନ୍ୟାୟ ପ୍ରକ୍ରିୟା ଏବଂ ସମାଜ ସହିତ ଜଡ଼ିତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକ ଉପରେ ଏହି ବକ୍ତୃତାରେ ଆଲୋଚନା କରାଯିବ । ପ୍ରତି ମାସରେ ଏକ ନିର୍ଦ୍ଦିଷ୍ଟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆଧାରରେ ଆୟୋଜିତ ହେବାକୁ ଥିବା ବକ୍ତୃତା କାର୍ଯ୍ୟକ୍ରମ' ବିଚାରପତି, ଆଇନଜୀବୀ, ଶିକ୍ଷାବିତ୍, ଆଇନ ବିଶେଷଜ୍ଞ ଏବଂ ଯୁବବର୍ଗଙ୍କୁ ନ୍ୟାୟିକ ବ୍ୟବସ୍ଥା ସମ୍ପର୍କରେ ମତ ବିନିମୟପାଇଁ ଏକ ମଞ୍ଚ ପ୍ରଦାନ କରିବ । ଆଲୋଚ୍ୟ ବିଷୟ, ଅଂଶଗ୍ରହଣ କରିବାକୁ ଥିବା ଆଇନ ବ୍ୟବସ୍ଥା ସହ ଜଡ଼ିତ ଅଂଶୀଦାର ଆଦି ଉପରେ ପ୍ରଧାନ ବିଚାରପତି ମାର୍ଗଦର୍ଶନ କରିବେ ବୋଲି ସୁପ୍ରିମ୍‌କୋର୍ଟ ପକ୍ଷରୁ ସୂଚନା ଦିଆଯାଇଛି ।

## ନେପାଳ - ଫ୍ଲଡ୍ ଟୋଲ୍

ନେପାଳ ବନ୍ୟାରେ ମୃତ୍ୟୁସଂଖ୍ୟା ୧ ହଜାର ୩୪୪କୁ ବୃଦ୍ଧି ପାଇଛି । ୮ଟି ପ୍ରଭାବିତ ଜିଲ୍ଲାରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଏପର୍ଯ୍ୟନ୍ତ ୫ ହଜାରରୁ ଉର୍ଦ୍ଧ୍ୱ ଲୋକ ନିଖୋଜ ଥିବା ଜଣାପଡ଼ିଛି । ୧୩ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କୁ ବର୍ତ୍ତମାନ ସୁଦ୍ଧା ଉଦ୍ଧାର କରାଯାଇଛି । ନୂଓ୍ୱାକୋଟ୍ ଜିଲ୍ଲାରେ ଏକ ୪ ମହଲା ବିଶିଷ୍ଟ ଘରୁ ଗତ ୧୦ ଦିନ ଧରି ଫସି ରହିଥିବା ୬୦ ବର୍ଷୀୟା ବୃଦ୍ଧାଙ୍କୁ ଜୀବିତାବସ୍ଥାରେ ଉଦ୍ଧାର କରାଯାଇ ଚିକିତ୍ସା କରାଯାଉଛି । ମୃତାହତଙ୍କ ଚିହ୍ନଟପାଇଁ ଡି.ଏନ୍.ଏ. ପରୀକ୍ଷା କରାଯାଉଛି । ଡି.ଏନ୍.ଏ. ପରୀକ୍ଷା ପରେ ଚିହ୍ନଟ କରାଯାଇ ଏପର୍ଯ୍ୟନ୍ତ ୯୦ଟି ମୃତଦେହକୁ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି । ନେପାଳ, ଭାରତ ଓ ଚୀନ୍‌ର ଉଦ୍ଧାରକାରୀ ଦଳ ବିଭିନ୍ନ ପ୍ରଭାବିତ ଅଞ୍ଚଳରେ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି ।

## ବିହାର - ଫ୍ଲଡ୍‌ସ୍

ବିହାରର ଅଧିକାଂଶ ଅଞ୍ଚଳରେ ବନ୍ୟା ପ୍ରଭାବରେ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଛି । ଗଙ୍ଗା, ଗଣ୍ଡକ, କୋଶୀ, ବୁର୍‌ହୀ ଗଣ୍ଡକ,

ପୁନ୍‌ପୁନ୍ ଏବଂ ଘାଘ୍ରା ନଦୀରେ ଜଳସ୍ତର ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି । ପ୍ରଶାସନ ପକ୍ଷରୁ ପ୍ରଭାବିତ ଅଞ୍ଚଳରେ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଛି । ବିପର୍ଯ୍ୟୟ ପ୍ରଶମନ ପରିଚାଳନା ବିଭାଗ ସୂଚନା ଅନୁଯାୟୀ ୧୧ଟି ଜିଲ୍ଲାର ପ୍ରାୟ ୧୦ ଲକ୍ଷ ଲୋକ ବନ୍ୟାରେ ପ୍ରଭାବିତ ହୋଇଛନ୍ତି ।

## ଭିଏତ୍‌ନାମ - ମିସ୍ ୱାର୍ଲଡ୍

ଭିଏତ୍‌ନାମ୍‌ର ଉପକୂଳ ସହର ଏନ୍‌ହା ଟ୍ରାଙ୍ଗ୍'ରେ ଆଜି ମିସ୍ ୱାର୍ଲଡ୍-୨୦୨୬ର ଫାଇନାଲ୍ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି । ୧୧୧ ଜଣ ପ୍ରତିଯୋଗୀ ଫାଇନାଲ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ଭାରତର ନିକିତା ପୋରୱାଲ୍ ଅଛନ୍ତି । ଗତବର୍ଷର ବିଜେତା ଥାଇଲାଣ୍ଡ ସୁଚାତା ଚୌଙ୍ଗଶ୍ରୀ ଚଳିତ ଥରର ବିଜେତାଙ୍କୁ ମୁକୁଟ ପିନ୍ଧାଇବେ । ୨୦୧୭ ମସିହାରେ ଶେଷଥରପାଇଁ ଭାରତ ମିସ୍ ୱାର୍ଲଡ୍ ଟାଇଟଲ୍ ହାସଲ କରିଥିଲା । ଭାରତର ମାନସୀ ଚିଲ୍ଲର୍ ମୁକୁଟ ପରିଧାନ କରିଥିଲେ ।

## ରୁଷ୍-ୟୁକ୍ରେନ୍ ଓ୍ୱାର୍ ପଜ୍

ୟୁକ୍ରେନ୍‌ର ରାଜଧାନୀ କିଭ୍ ଉପରେ ୭୨ ଘଣ୍ଟା ପର୍ଯ୍ୟନ୍ତ କୌଣସି ପ୍ରକାର ଆକ୍ରମଣ ନ କରିବାରୁ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍ ନିର୍ଦ୍ଦେଶ ଦେଇଛନ୍ତି । କ୍ରେମ୍‌ଲିନ୍ ମୁଖପାତ୍ର ଦିମିତ୍ରୀ ପେସ୍‌କୋଭ୍ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ରାଷ୍ଟ୍ରପତି ଶ୍ରୀ ପୁଟିନ୍‌ଙ୍କ ନିର୍ଦ୍ଦେଶର ସମୟସୀମା ଆଜି ମଧ୍ୟରାତ୍ରିରୁ ଆରମ୍ଭ ହେଉଛି । ୩ ଦିନ ପର୍ଯ୍ୟନ୍ତ କିଭ୍ ବିରୋଧରେ ସାମରିକ ପଦକ୍ଷେପ ଗ୍ରହଣ କରାଯିବ ନାହିଁ ବୋଲି ସେ ସୂଚନା ଦେଇଛନ୍ତି । ଶାନ୍ତି ଆଲୋଚନାପାଇଁ ଆମେରିକା ପ୍ରତିନିଧିଙ୍କ କିଭ୍ ଗସ୍ତ ଅବସରରେ ରୁଷ୍ ପକ୍ଷରୁ ଏଭଳି ନିଷ୍ପତ୍ତି ଗ୍ରହଣ କରାଯାଇଥିବା ଶ୍ରୀ ପେସ୍‌କୋଭ୍ କହିଛନ୍ତି ।

## କ୍ରିକେଟ୍ - ଓ୍ୱିମେନ୍ସ ଏସିଆ କପ୍

ଟି-୨୦ ମହିଳା ଏସିଆକପ୍ କ୍ରିକେଟ୍‌ରେ ଗ୍ରୁପ୍-ଏ'ର ଅନ୍ତିମ ମ୍ୟାଚ୍‌ରେ ଆଜି ଭାରତ ଓ ପାକିସ୍ତାନ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ଦୁବାଇ ଆନ୍ତର୍ଜାତିକ ଷ୍ଟାଡିୟମରେ ଭାରତୀୟ ସମୟ ରାତି ୮ଟାରେ ମ୍ୟାଚ୍ ଆରମ୍ଭ ହେବ । ପୂର୍ବ ୨ଟି ମ୍ୟାଚ୍‌ରେ ଥାଇଲ୍ୟାଣ୍ଡ ଓ ହଂକଂକୁ ପରାସ୍ତ କରି ଭାରତ ସେମିଫାଇନାଲ୍‌ରେ ପହଞ୍ଚି ସାରିଛି ।

ଅନ୍ୟପକ୍ଷରେ ପାକିସ୍ତାନ କେବଳ ଗୋଟିଏ ମ୍ୟାଚ୍ ଖେଳି ଥାଇଲ୍ୟାଣ୍ଡକୁ ପରାସ୍ତ କରିଛି । ଗ୍ରୁପ୍-ଏ'ରେ ପାକିସ୍ତାନ ୨ ପଏଣ୍ଟ ପାଇଥିବା ବେଳେ ସେମିଫାଇନାଲ୍ ଯୋଗ୍ୟତା ଅର୍ଜନ ପାଇଁ ଆଉ ୧ ପଏଣ୍ଟର ଆବଶ୍ୟକ କରୁଛି ।

*****